بِسۡمِ اللّٰهِ الرَّحۡمٰنِ الرَّحِيۡمِ

# ୧୩ ଡ଼ିସେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

## ସରିୟା କୁର୍ତାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦ୍‌ହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର ପ୍ରାସଙ୍ଗିକତାରେ ଆଜି ମୁଁ ଏକ** ସରିୟା **(ଯେଉଁ ଯୁଦ୍ଧରେ ସ୍ୱୟଂ ପୁଣ୍ୟଶ୍ଳୋକ ଅଂଶ ଗ୍ରହଣ କରି ନଥିଲେ)ର ଘଟଣା ଚର୍ଚ୍ଚା କରିବି । ଯାହାକୁ** ସରିୟା **କୁର୍ତା ନାମରେ ନାମିତ କରାଯାଇଛି । ଉକ୍ତ** ସରିୟା **୧୦**ମୁହର୍‌ରମ **୬ହିଜ୍‌ରୀରେ ସଂଘଟିତ ହୋଇଥିଲା । ନବୀଶ୍ରେଷ୍ଠ[ସ.ଅ] ହଜରତ ମୁହମ୍ମଦ ବିନ୍ ମୁସେଲ୍‌ମାଃ [ର.ଅ]ଙ୍କୁ ୩୦ଜଣ ଅଶ୍ୱାରୋହୀଙ୍କ ସାଥିରେ କୁର୍ତା ଅଭିମୁଖେ ପ୍ରେରଣ କଲେ । ଏହି ଅଭିଯାନ ଯୋଗୁଁ ଆପଣ ୧୯ରାତ୍ରି ମଦିନା ବାହାରେ ରହିଥିଲେ ଏବଂ ୧୯** ମୁହର୍‌ରମ **୬ହିଜ୍‌ରୀକୁ ସେମାନେ ମଦିନା ଫେରି ଆସିଥିଲେ ।**

**ଏହାର ବ୍ୟାଖ୍ୟାରେ ବିଭିନ୍ନ ଗ୍ରନ୍ଥ ଓ ଇତିହାସ ପୁସ୍ତକରୁ ହଜରତ ମିର୍ଜା ବଶିର ଅହେମଦ ସାହେବ ଉପକୃତ ହୋଇ ଉଲ୍ଲେଖ କରିଛନ୍ତି ଯେ, ଏବେ ୬ହିଜ୍‌ରୀର ବର୍ଷ ଆରମ୍ଭ ହିଁ ହୋଇଥିଲା ଏବଂ ଚନ୍ଦ୍ର ଗଣନା ଅନୁଯାୟୀ ବର୍ଷର ପ୍ରଥମ ଅର୍ଥାତ** ମୁହର୍‌ରମ **ମାସର ପ୍ରାରମ୍ଭରେ ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ [ସ.ଅ]ଙ୍କୁ ନଜ୍‌ଦ ବାସୀଙ୍କ ତରଫରୁ ଭୟର ଆଶଙ୍କା ମୂଳକ ସୂଚନା ପ୍ରାପ୍ତ ହେଲା । ସେହି ଭୟପ୍ରଦ ସୂଚନା କୁର୍ତା କବିଲା ନିକଟରୁ ଥିଲା । ଯେ କି କବିଲା** ବନୁ ବକର୍‌ର **ଏକ ଶାଖା ଥିଲା ଏବଂ ନଜଦ୍‌ର ଜରିୟା ଅଞ୍ଚଳରେ ସେହି କବିଲା ବସବାସ କରୁଥିଲା । ତାହା ମଦିନା ଠାରୁ ସାତ ଦିନ ଦୂରତାରେ ଅବସ୍ଥିତ ଥିଲା । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଏହି ପ୍ରସଙ୍ଗରେ ଅଧିକ ସ୍ୱଷ୍ଟିକରଣ କଲେ ଯେ, ସେମାନେ ଏକ ଶତ୍ରୁ ଗୋଷ୍ଠୀ ଥିଲେ ଏବଂ ମଦିନା ଉପରେ ଆକ୍ରମଣ କରିବାର ଯୋଜନା ପ୍ରସ୍ତୁତି କରୁଥିଲେ । ତାହାର ନିବାରଣ (ମୂଳୋତ୍ପାଟନ) ନିମନ୍ତେ ହଜରତ ମୁହମ୍ମଦ[ସ.ଅ] ସାହାବାମାନଙ୍କର ଏହି ଦଳକୁ ପ୍ରେରଣ କରିଥିଲେ । ତାହା ପୂର୍ବରୁ ଆପଣ ଉକ୍ତ ସୈନ୍ୟଦଳଙ୍କୁ ସେହି ସମୁଦାୟ ସହିତ ନମ୍ର ଆଚରଣ ପ୍ରଦର୍ଶନ କରିବାକୁ ତାଗିଦ କରିଥିଲେ କି ସେମାନଙ୍କ ମହିଳା ଓ ପିଲାମାନଙ୍କର କୌଣସି ଅନିଷ୍ଟ କରିବ ନାହିଁ ।**

**ଏହି ଅବସରରେ ସୁମାମାଃ ବିନ୍ ଉସାଲ୍‌ଙ୍କର ବନ୍ଦୀ ହେବା ଏବଂ ତାଙ୍କର ଇସଲାମ୍ ଧର୍ମରେ ଦିକ୍ଷୀତ ହେବାର ବର୍ଣ୍ଣନା ମିଳୁଅଛି । ଏହାର ବିସ୍ତୁତ ବ୍ୟାଖ୍ୟାରେ "ସିରତ୍ ଖାତମୁନ୍ ନବୀଇନ୍"ରେ ଉଲ୍ଲେଖ ରହିଛି, ଏହି ଅଭିଯାନ ଅର୍ଥାତ** ସରିୟା **କୁର୍ତାରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସୁମାମାଃ ବିନ୍ ଉସାଲ୍‌ଙ୍କର ବନ୍ଦୀ ହେବାର ଘଟଣା ବର୍ଣ୍ଣିତ ରହିଛି । ଏକଦା ଜଣେ ବାହକ ସେହି ଅଞ୍ଚଳକୁ ଗଲେ ସେତେବେଳେ ସମସ୍ତ ଯୁଦ୍ଧ ନିୟମାବଳୀକୁ (ସେ) ନିଜ ପଶ୍ଚାତ ପାର୍ଶ୍ୱକୁ ଫିଙ୍ଗି ଦେଇ ତାଙ୍କୁ ହତ୍ୟା କରିବାର କେବଳ ଷଡ଼ଯନ୍ତ୍ର କରି ନଥିଲା, ବରଂ ଏକଦା ସେ ନବୀଶ୍ରେଷ୍ଠଙ୍କ ହତ୍ୟା କରିବାର ମଧ୍ୟ ଯୋଜନା ରଚି ନେଇଥିଲା । ଯେତେବେଳେ ହଜରତ ମୁହମ୍ମଦ ବିନ୍ ମୁସେଲ୍‌ମାଃ [ର.ଅ]ଙ୍କର ଦଳ ସୁମାମାଃଙ୍କୁ କଏଦ କରି ଆଣିଲା ସେତେବେଳେ ସେମାନଙ୍କୁ ଜଣା ନଥିଲା ଯେ, ଏ ବ୍ୟକ୍ତି ଜଣକ କିଏ ? ବରଂ ସେ ତାହାକୁ କେବଳ ସନ୍ଦେହ ଅଧାରରେ କଏଦ କରିଥିଲେ । ଜଣା ପଡୁଛି ଯେ, ସୁମାମାଃ ମଧ୍ୟ ଅତି ଚତୁରତାର ସହିତ ନିଜ ସତ୍ୟତା ପରିପ୍ରକାଶ ହେବାକୁ ଦେଇ ନଥିଲା । କାରଣ ସେ**

ଜାଣିଥିଲା ଯେ, ମୁଁ ଇସଲାମ୍ ବିରୁଦ୍ଧରେ ଜଘନ୍ୟ ଅପରାଧ କରି ବସିଛି ଏବଂ ଯଦି ଇସଲାମ୍‌ର ଏହି ସ୍ୱାଭିମାନ ସିପାହୀମାନଙ୍କୁ ଜ୍ଞାତ ହୋଇଯାଏ ଯେ, ମୁଁ କିଏ ତେବେ ସମ୍ଭବତଃ ସେମାନେ ମୋ ସହିତ କଠୋରତା ପ୍ରଦର୍ଶନ କରିବେ ଅଥବା ମୋର ହତ୍ୟା ହିଁ କରିଦେବେ ? କିନ୍ତୁ ସେ ମହାଭାଗଙ୍କ ଠାରୁ ସଦୟ ଆଚରଣରେ ଆଶାବାଦୀ ଥିଲା । ଅତଃ ମଦିନା ଫେରିବା ପର୍ଯ୍ୟନ୍ତ ମୁହମ୍ମଦ ବିନ୍ ମୁସେଲ୍‌ମାଃଙ୍କ ଦଳ ସୁମାମାଃଙ୍କ ବ୍ୟକ୍ତିତ୍ୱ ପ୍ରତି ଅଜଣା ଓ ଅପରିଚିତ ଥିଲେ ।

ମଦିନା ପହଞ୍ଚିବା ପରେ ଯେତେବେଳେ ସୁମାମାଃଙ୍କୁ ନବୀଶ୍ରେଷ୍ଠ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା ସେତେବେଳେ ହୁଜୁରସ.ଅ ତାଙ୍କୁ ଦେଖିବା ମାତ୍ରେ ଚିହ୍ନି ନେଲେ । ନବୀଶ୍ରେଷ୍ଠ ସେହିକ୍ଷଣି ମୁହମ୍ମଦ ବିନ୍ ମୁସେଲ୍‌ମାଃର.ଅ ଓ ତାଙ୍କ ସାଥିମାନଙ୍କୁ କହିଲେ; ତୁମେମାନେ ଜାଣିଛ ଏ ବ୍ୟକ୍ତି ଜଣକ କିଏ ? କିନ୍ତୁ ସେମାନେ ନିଜ ଅଜ୍ଞାନତାର ପରିପ୍ରକାଶ କଲେ । ଏଥିରେ ହୁଜୁରସ.ଅ ତାଙ୍କୁ ବାସ୍ତବତା ସଂକ୍ରାନ୍ତରେ ଅବଗତ କଲେ । ସେଥିଅନ୍ତେ ମହାଭାଗ ସୁମାମାଃ ସହିତ ଚିରାଚରିତ ଭାବରେ ନମ୍ର ଆଚରଣ କରିବାର ଆଦେଶ ଦେଲେ । ତତ୍‌ପଶ୍ଚାତ ମହାଭାଗ ଭିତରକୁ ଚାଲିଯାଇ ଅନ୍ତଃବାସୀଙ୍କୁ କହିଲେ; ଯାହାକିଛି ଖାଦ୍ୟ ପଦାର୍ଥ (ଆହାର) ଅଛି ତାହା ସୁମାମାଃଙ୍କ ପାଇଁ ପ୍ରେରଣ କରିଦିଅ । ଏଥିସହିତ ହୁଜୁରସ.ଅ ସାହାବାଙ୍କୁ ଆଦେଶ ଦେଲେ ସୁମାମାଃଙ୍କୁ ଅନ୍ୟତ୍ର ରଖିବା ପରିବର୍ତ୍ତେ ମସଜିଦ୍ ନବୀର ପ୍ରାଙ୍ଗଣରେ ଥିବା ଖମ୍ବ ସହିତ ବାନ୍ଧିଦିଅ । ଏଥିରୁ ଆପଣ ସ.ଅଙ୍କର ଉଦ୍ଦେଶ୍ୟ ଥିଲା କି ଆପଣ ସ.ଅଙ୍କ ବୈଠକ ଓ ମୁସଲମାନମାନଙ୍କ ନମାଜ ପାଠ କରିବାକୁ ସୁମାମାଃ ସ୍ୱଚକ୍ଷୁରେ ଅବଲୋକନ କରୁ । ତାହାର ହୃଦୟ ଏହି ଆଧ୍ୟାତ୍ମିକ ଦୃଶ୍ୟରୁ ପ୍ରଭାବିତ ହୋଇ ଇସଲାମ ଧର୍ମ ପ୍ରତି ଅବନତ ହୋଇଯାଉ ।

ଏହି ଦିନମାନଙ୍କରେ ହଜରତ ମୁହମ୍ମଦସ.ଅ ପ୍ରତିଦିନ ପ୍ରାତଃ ସମୟରେ ସୁମାମାଃ ନିକଟକୁ ଯାଉଥିଲେ ଏବଂ ତାହାର ଖବର (ଅବସ୍ଥା) ପଚାରି ବୁଝୁଥିଲେ ଯେ, ସୁମାମାଃ ତୁମ ଉଦ୍ଦେଶ୍ୟ କ'ଣ ? ସୁମାମାଃ ଉତ୍ତର ଦେଉଥିଲା ! ହେ ମୁହମ୍ମଦସ.ଅ ଯଦି ଆପଣ ମୋତେ ହତ୍ୟା କରିଦିଅନ୍ତି ତେବେ ଏହାର ଆପଣ ଅଧିକାର ରଖୁଛନ୍ତି । କାରଣ ମୋ ଉପରେ ରକ୍ତପାତ କରିବା ଓ ଷଡ଼୍‌ଯନ୍ତ୍ର ଭିଆଇବାର ଅପରାଧ ରହିଛି । କିନ୍ତୁ ଯଦି ଆପଣ ମୋ ପ୍ରତି ଦୟାଚରଣ କରନ୍ତି ତେବେ ଆପଣ ମୋତେ କୃତଜ୍ଞକାରୀ ପାଇବେ । ଆଉ ଯଦି ଆପଣ ଫିଦ୍‌ୟା (ମୁକ୍ତିମୂଲ୍ୟ ନେବାକୁ) ଚାହୁଁଛନ୍ତି ତେବେ ତାହା ପୈଠ କରିବାକୁ ମଧ୍ୟ ମୁଁ ପ୍ରସ୍ତୁତ ଅଛି । ତିନିଦିନ ପର୍ଯ୍ୟନ୍ତ ଏହିପରି ପ୍ରଶ୍ନଉତ୍ତର ଜାରି ରହିଲା । ଶେଷରେ ନବୀଶ୍ରେଷ୍ଠ ସାହାବାଙ୍କୁ ଆଦେଶ ଦେଲେ ସୁମାମାଃଙ୍କୁ ଖୋଲି ସ୍ୱାଧୀନ କରିଦିଅ । ସାହାବା ସଙ୍ଗେସଙ୍ଗେ ଆଦେଶ ପାଳନ କରି ତାଙ୍କୁ ମୁକ୍ତ କରିଦେଲେ । ସୁମାମାଃ କ୍ଷିପ୍ର ବେଗରେ ମସଜିଦ୍‌ରୁ ବାହାରି ଚାଲିଗଲା । ସମ୍ଭବତଃ ସାହାବା ଏହା ମଣିଥିବେ ଯେ, ଏବେ ସେ ସ୍ୱଦେଶକୁ ଫେରିଯିବ । କିନ୍ତୁ ମହାଭାଗ ବୁଝି ସାରିଥିଲେ ଯେ, ସୁମାମାଃର ହୃଦୟ ପରିବର୍ତ୍ତନ ହୋଇଯାଇଛି । ତାହାର ଅନ୍ତର ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ସ୍ୱଭାବ ଓ ଆଚରଣରେ ପ୍ରଭାବିତ ହୋଇସାରିଛି ।

ଏହା ହିଁ ଉଦ୍ଧୃତ ହେଲା । ଅତଏବ ସେ ନିକଟସ୍ଥ ଏକ ଉଦ୍ୟାନକୁ ଚାଲିଗଲେ ଏବଂ ସେଠାରେ ସ୍ନାନ କରି ଫେରି ଆସିଲେ ଓ ମହାଭାଗଙ୍କ ପବିତ୍ର ହସ୍ତରେ ବୈଅତ କରି ମୁସଲମାନ ହୋଇଗଲେ । ସେଥିଅନ୍ତେ ସେ ହୁଜୁର ସ.ଅଙ୍କୁ କହିଲେ; ହେ ଅଲ୍ଲାଃଙ୍କ ରସୁଲସ.ଅ ! ସମୟ ଥିଲା ଯେତେବେଳେ ସମଗ୍ର ଜଗତରେ ଆପଣ ସ.ଅଙ୍କ ଅସ୍ତିତ୍ୱ ଓ ଆପଣଙ୍କ ଧର୍ମ ତଥା ଆପଣଙ୍କ ସହର ସହିତ ମୁଁ ଭୀଷଣ ଶତ୍ରୁତା ଓ ଦ୍ୱେଷଭାବ ରଖୁଥିଲା । କିନ୍ତୁ **ଆଜି ମୋ ହୃଦୟରେ ଆପଣ ସ.ଅଙ୍କ ଅସ୍ତିତ୍ୱ ଓ ଆପଣଙ୍କ ଧର୍ମ ତଥା ଆପଣଙ୍କ ସହର ସହିତ ସବୁଠାରୁ ଅଧିକ ପ୍ରେମ ଓ ଅନୁରାଗ ଉତ୍ପନ୍ନ ହୋଇଯାଇଛି ।**

ମୁସଲମାନ ହେବା ଯୋଗୁଁ ସୁମାମାଃ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କୁ (ନିବେଦନ ପୂର୍ବକ) କହିଲେ; ହେ ଅଲ୍ଲାଃଙ୍କ ରସୁଲସ.ଅ ! ଯେତେବେଳେ ଆପଣ ସ.ଅଙ୍କ ସାଥିମାନେ ମୋତେ କଏଦ କଲେ ସେତେବେଳେ ମୁଁ

ବୈତୁଲ୍ଲାଃରେ ପରିକ୍ରମା (ଉମ୍‌ରାଃ) କରିବାକୁ ଯାଉଥିଲି, ଏବେ ମୋ ପାଇଁ କ'ଣ ଆଦେଶ ରହିଛି ? ହୁଜୁର[ସ.ଅ] ତାଙ୍କୁ ଅନୁମତି ପ୍ରଦାନ କଲେ ଏବଂ ତାଙ୍କ ପାଇଁ ଦୁଆ କଲେ । ସେଥିଅନ୍ତେ ସୁମାମାଃ ମକ୍କା ଅଭିମୁଖେ ପ୍ରସ୍ଥାନ କଲେ । ସେଠାରେ ପହଞ୍ଚି ସୁମାମାଃ ଅତି ଦୃଢ଼ ଆତ୍ମବିଶ୍ୱାସର ସହିତ କୁରୈଶମାନଙ୍କୁ (ଇସଲାମ୍‌ର) ପ୍ରଚାର କରିବା ଆରମ୍ଭ କରିଦେଲେ । କୁରୈଶ ଏହି ଦୃଶ୍ୟ ଅବଲୋକନ କରିବା ମାତ୍ରେ ତାଙ୍କ ଚକ୍ଷୁରୁ ରକ୍ତ ନିଗିଡ଼ି ପଡ଼ିଲା ଏବଂ ସେମାନେ ସୁମାମାଃଙ୍କୁ ଧରିନେଇ ନିହତ କରିଦେବାକୁ ଚାହିଁଲେ । କିନ୍ତୁ ଏହା ଚିନ୍ତା କରି କି ସେ ୟମାମାର ସରଦାର ଏବଂ ୟମାମା ସହିତ ମକ୍କାର ଘନିଷ୍ଠ ବ୍ୟବସାୟୀକ ସମ୍ପର୍କ ରହିଛି, ତେଣୁ ସେମାନେ ତାଙ୍କୁ ଗାଳିଗୁଲଜ କରି ଛାଡ଼ି ଦେଲେ । କିନ୍ତୁ ସୁମାମାଃ ଉଗ୍ର ସ୍ୱଭାବୀ ବ୍ୟକ୍ତି ଥିଲେ ଏବଂ କୁରୈଶର ସେହି ଅନ୍ୟାୟ ଓ ଅତ୍ୟାଚର ଯାହାକି ସେମାନେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଓ ଆପଣଙ୍କ ସାଥିମାନଙ୍କ ସହିତ କରିଥିଲେ, ସେସବୁ ସୁମାମାଃଙ୍କ ମାନସପଟରେ ଅଙ୍କି ହୋଇ ରହିଥିଲା । ସେ ମକ୍କାରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ କୁରୈସବାସୀଙ୍କୁ କହିଲେ; ଅଲ୍ଲାଃଙ୍କ ରାଣ ! ଆସନ୍ତାରେ ୟମାମା ଅଞ୍ଚଳରୁ ତୁମମାନଙ୍କୁ ଶସ୍ୟର ଏକ ଦାନା ମିଳିବ ନାହିଁ । ଯେପର୍ଯ୍ୟନ୍ତ କି ହୁଜୁର[ସ.ଅ] ଏହା ପୁନର୍ବାର ଚଳାଚଳ ହେବାର ଅନୁମତି ପ୍ରଦାନ କରି ଦେଇ ନାହାନ୍ତି ।

ନିଜ ଦେଶରେ ପହଞ୍ଚିବା ପରେ ସୁମାମାଃ ସତକୁ ସତ ମକ୍କା ଅଭିମୁଖେ ରପ୍ତାନି ହେଉଥିବା ବାଣିଜ୍ୟକ ଦଳକୁ ରୋକି ଦେଲେ । ଯେହେତୁ ମକ୍କାବାସୀଙ୍କ ଶସ୍ୟ ସାମଗ୍ରୀର ବଡ଼ ଅଂଶ ୟମାମାରୁ ଆସୁଥିଲା, ତେଣୁ କାରବାର ବନ୍ଦ ହେବା ଯୋଗୁଁ କୁରୈଶ ମକ୍କା ଘୋର ସମସ୍ୟାର ସମ୍ମୁଖୀନ ହେଲେ । ଏବେ ଅଧିକ ସମୟ ଅତିବାହିତ ହୋଇ ନଥିବ କି ସେମାନେ ବ୍ୟତିବ୍ୟସ୍ତ ହୋଇ ହୁଜୁର [ସ.ଅ]ଙ୍କ ନିକଟକୁ ପତ୍ର ଲେଖିଲେ ଯେ, ଆପଣ ସର୍ବଦା ନମ୍ର ଆଚରଣ ପ୍ରଦର୍ଶନ କରିବାକୁ ଆଦେଶ ଦେଇଛନ୍ତି । ଆମେ ଆପଣଙ୍କର ଭାଇବନ୍ଧୁ ଓ କୁଟୁମ୍ବ, ତେଣୁ ଆମମାନଙ୍କୁ ଏହି ବିପତ୍ତିରୁ ଉଦ୍ଧାର କରନ୍ତୁ । ସେତେବେଳେ ଅମାନ୍ୟକାରୀ ମକ୍କାବାସୀ ଏପରି ଘାବରାଇ ଯାଇଥିଲେ ଯେ, ସେମାନେ କେବଳ ଏହି ପତ୍ର ପ୍ରେରଣ କରିବାରେ ସୀମିତ ରହିଯାଇ ନଥିଲେ ବରଂ ନିଜ ଧନାଢ଼୍ୟ ଅବୁ ସୁଫିୟାନ୍ ବିନ୍ ହରବ୍‌କୁ ହୁଜୁର [ସ.ଅ]ଙ୍କ ନିକଟକୁ ପ୍ରେରଣ କଲେ । ସେ ମହାଭାଗଙ୍କ ସେବାରେ ଉପସ୍ଥିତ ହୋଇ ନିଜ ତୁଣ୍ଡରୁ ବହୁତ କାକୁତିମିନତି କଲା ଏବଂ ସେମାନଙ୍କ ସମସ୍ୟା ବଖାଣି ପରୋପକାର କରିବାକୁ ଅନୁରୋଧ କଲା । ଏଥିରେ ହୁଜୁର [ସ.ଅ]ଙ୍କ ସୁମାମାଃ ବିନ୍ ଉସାଲ୍‌ଙ୍କୁ ନିର୍ଦ୍ଦେଶ ଦେଲେ ଯେ, କୁରୈଶ ଅଭିମୁଖେ ଯାଉଥିବା ନିଜ ବାଣିଜ୍ୟକ ଦଳକୁ ଅଟକାଅ ନାହିଁ । **ଅତଏବ ସେହି କାରବାର ପୁନଶ୍ଚ ଜାରି ହୋଇଗଲା ଏବଂ ମକ୍କାବାସୀଙ୍କୁ ସେହି ବିପତ୍ତିରୁ ମୁକ୍ତି ମିଳିଗଲା ।**

ଏଥିଅନ୍ତେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ଅବ୍ଦୁଲ୍ ଲତିଫ୍ ସାହେବ ୟୁ.କେ ନିବାସୀଙ୍କର ଉପସ୍ଥିତ ଜନାଯାଃ ଓ ଅନ୍ୟ ପାଞ୍ଚ ଜଣ ମୃତକଙ୍କର ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ସେମାନଙ୍କ ମଧ୍ୟରେ ଦୁଇଜଣ ନିଷ୍ପାପର ଶହିଦ୍ ଶ୍ରୀମାନ ତୈଅବ୍ ଅହେମଦ ଶହିଦ୍ ପୁତ୍ର ଶ୍ରୀମାନ ମଞ୍ଜୁର ଅହେମଦ ସାହେବ ରାଜନପୁର ନିବାସୀ କିନ୍ତୁ ବର୍ତ୍ତମାନ ଅର୍ଥାତ ଡ଼ିସେମ୍ବର ମାସ ୫ତାରିଖ ଦିନ ରାଉଲପିଣ୍ଡିରେ ଥିବା ସମୟରେ ତାଙ୍କୁ ଜଣେ ଅହେମଦି ବିରୋଧୀ ଟାଙ୍ଗିଆରେ ଆକ୍ରମଣ କରି ଶହିଦ୍ କରିଦେଲା ଏବଂ ପ୍ରିୟ ମହନଦ୍ ମୌୟଦ୍ ଅବୁ ଅଓ୍ୱାଦ୍ ସାହେବ ଗାଜା (ଫିଲିସ୍ତିନ୍) ନିବାସୀ ମଧ୍ୟ ରହିଛନ୍ତି । ଯିଏକି ଏକ ଡ୍ରୋନ୍ ଆକ୍ରମଣରେ ମାତ୍ର ୨୦ବର୍ଷ ବୟସରେ ଶହିଦ୍ ହୋଇଗଲେ । ସେହିପରି ଶ୍ରୀମାନ ଡ଼ାଃ ମସଉଦ୍ ଅହେମଦ ମଲକ୍ ସାହେବ ପୂର୍ବତନ ନାଏବ୍ (ଅତିରିକ୍ତ) ଅମିର୍ ଆମେରିକା ନିବାସୀ ଓ ଶ୍ରୀମାନ ଶବିର୍ ଅହେମଦ୍ ଲୋଧୀ ସାହେବ ପୁତ୍ର ଶ୍ରୀମାନ ମିଆଁ ମୁହମ୍ମଦ ଶଫି ସାହେବ ଓ ମୌଲବୀ ମୁହମ୍ମଦ ଅୟୁବ୍ ବଟ ସାହେବ ଦରବେଶ୍ ସାହେବଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ମୌଲବୀ ମୁହମ୍ମଦ ଅୟୁବ୍ ବଟ୍ଟ ସାହେବ ଦରବେଶ୍‌ଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି କହିଲେ; ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କ ମାତା ଶ୍ରୀମତି କରିମ୍ ବିବି ସାହେବାଃଙ୍କ ମାଧ୍ୟମରେ ପ୍ରବେଶ କରିଥିଲା । ମୃତକଙ୍କ ଆଲେଖ୍ୟ ଅନୁଯାୟୀ ସେ ଠିକ୍ ଯୁବାବସ୍ଥାରେ ଏକ ସ୍ୱପ୍ନରେ ହଜରତ ମୁହମ୍ମଦ [ସ.ଅ]ଙ୍କୁ ଅଶ୍ୱ ଉପରେ ଆରୋହଣ କରିଥିବାର ଦେଖିଲେ । ସେହି ସ୍ୱପ୍ନର ତାତ୍ପର୍ଯ୍ୟ ତାଙ୍କର ମାତା ଏହା କରିଥିଲେ କି ତାଙ୍କୁ ଅଲ୍ଲାଃତାଲାଙ୍କ ଧର୍ମସେବା କରିବାର ସୌଭାଗ୍ୟ ଲାଭ ହେବ । ୧୯୩୯ମସିହାରେ ମୌଲବୀ ସାହେବ ନିଜ ଜୀବନ ଉତ୍ସର୍ଗ କରିଦେଲେ ଏବଂ ଜମାଅତର ବ୍ୟବସ୍ଥା ବିଭାଗ ତାଙ୍କୁ ଇରାନ (ଦେଶ) ଯିବାକୁ ଆଦେଶ ଦେଲା । ସେଠାରେ ପାଞ୍ଚ ବର୍ଷ ଧର୍ମସେବା କରିବା ପରେ, ପୁନଶ୍ଚ ତାଙ୍କୁ ସେଠାରୁ କାବୁଲ୍ (ଆଫଗାନିସ୍ତାନ) ଯିବାକୁ କୁହାଗଲା । କାବୁଲ୍ ଯିବା ପାଇଁ ସେ କୌଏଟାରେ ଅପେକ୍ଷାରତ ଥିଲେ, ଯେ ସ୍ଥାନୀୟ ଅମିର୍ ସାହେବ ତାଙ୍କୁ ସନ୍ଦେଶ ଦେଲେ କି ଆପଣଙ୍କୁ କାଦିୟାନ ଚାଲି ଯିବାକୁ କୁହାଯାଇଛି । ସେତେବେଳେ ଭାରତ ପାକିସ୍ତାନ ବିଭାଜନର ସମୟ ଥିଲା ଏବଂ ହଜରତ ମୁସଲେହ୍ ମଉଦ[ର.ଅ] ଦେଶାନ୍ତର ଗମନ କରି ଲାହୋର୍ ଠାରେ ଅବସ୍ଥାନ କରିଥିଲେ । ଯେତେବେଳେ ମୌଲବୀ ସାହେବ ଲାହୋର୍‌ରେ ପହଞ୍ଚିଲେ ସେତେବେଳେ ତାଙ୍କୁ କୁହାଗଲା କି କାଦିୟାନ ଯିବା ନିମନ୍ତେ ଏହା ଶେଷ ଟ୍ରକ୍ ବାହାରୁ ଅଛି, ତେଣୁ ଆପଣ ଏହିଥିରେ ବସି ପଡନ୍ତୁ । କାଦିୟାନରେ ପହଞ୍ଚି ଆପଣ ବିଭିନ୍ନ ସୁରକ୍ଷା ମୂଳକ ଡ଼ିଉଟି ଦେବାର ସୌଭାଗ୍ୟ ଅର୍ଜନ କଲେ । ପୁନଶ୍ଚ ତାଙ୍କୁ ହଜରତ ମୁସଲେହ୍ ମଉଦ [ର.ଅ]ଙ୍କ ଆଦେଶକ୍ରମେ ଭାରତର ଉତ୍ତରପ୍ରଦେଶ ସ୍ଥିତ ଝାନ୍‌ଶି ସହରରେ ମୌଲ୍ଲିମ୍ ରୂପେ ପ୍ରେରଣ କରିଦିଆ ଯାଇଥିଲା । ସେଠାରେ ସେ ଅତି ସୁନ୍ଦର ଭାବରେ ପ୍ରଚାର ପ୍ରସାର କାର୍ଯ୍ୟ ସମ୍ପନ୍ନ କରିଥିଲେ ।

ଭାରତ ବର୍ଷର ବିଭିନ୍ନ ସ୍ଥାନରେ ଧର୍ମସେବା କରିବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି । ଇତ୍ୟାବସରରେ ସେ କର୍ମକ୍ଷେତ୍ରରେ ହିଁ ହୋମିଓପ୍ୟାଥି ଡିଗ୍ରୀ ହାସଲ କରି ନେଇଥିଲେ । ତାଙ୍କ ମାଧ୍ୟମରେ ଅନେକ ସଜ୍ଜନ ଓ ସଦାଚାରୀ ବ୍ୟକ୍ତି ଅହେମଦିୟତ୍ ସ୍ୱୀକାର କଲେ । ତାଙ୍କର ଜଣେ ସୁପୁତ୍ର ଡ଼ାଃ. ମେହମୁଦ୍ ଅହେମଦ ବଟ୍ଟ ଓ କୂଳବଧୂ ଡ଼ାଃ. ମଞ୍ଜୁ ବଟ୍ଟ ସାହେବା ନିଜ ନିଜ ଜୀବନ ଉତ୍ସର୍ଗ କରି ଏକ ଦୀର୍ଘ କାଳ ଘାନା ଦେଶରେ ସେବା କରିବା ପରେ ଆଜିକାଲି ନୁର୍ ହସ୍ପିଟାଲ୍ କାଦିୟାନରେ ସେବା ସମ୍ପାଦନ କରୁଛନ୍ତି । ଏହିପରି ତାଙ୍କର ଅନ୍ୟ ଜଣେ ସୁପୁତ୍ର ମଧ୍ୟ ଆମେରିକାରେ ଡ଼ାକ୍ତରୀ ବୃତ୍ତିରେ ନିୟୋଜିତ । ଅଲ୍ଲାଃତାଲା ବୈକୁଣ୍ଠରେ ମୃତକଙ୍କର ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ ଏବଂ ତାଙ୍କ ସନ୍ତାନ ସନ୍ତତିଙ୍କୁ ତାଙ୍କ ପୁଣ୍ୟାବାଳୀଗୁଡ଼ିକୁ ଅବ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

13th December 2024

*Translated to Odia by :* Moulavi Anwar Ahmad Khan